# India-Thailand Foreign Office Consultations

April 21, 2022

## ଭାରତ-ଥାଇଲ୍ୟାଣ୍ଡ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଏପ୍ରିଲ 21, 2022**

ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 21 ଏପ୍ରିଲ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି।  ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବାଞ୍ଚଳ) ଶ୍ରୀ ସୌରଭ କୁମାର ଏବଂ ଥାଇଲ୍ୟାଣ୍ଡର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ଥାୟୀ ସଚିବ ମାନ୍ୟବର ଶ୍ରୀ ଥାନି ଥୋଙ୍ଗଫାକଡି ସହ-ଅଧ୍ୟକ୍ଷତା କରିଥିଲେ। କୋଭିଡ-19 ମହାମାରୀ ହେତୁ ଏହି ବିଚାର ବିମର୍ଷ 3 ବର୍ଷ ଅନ୍ତରାଳ ପରେ ଆୟୋଜିତ ହୋଇଥିଲା।

ଏହି ବୈଠକ ସମୟରେ ଦୁଇ ଦେଶର ପ୍ରତିନିଧୀ ଦଳ ରାଜନୈତିକ, ପ୍ରତିରକ୍ଷା ଓ ନିରାପତ୍ତା, ଅର୍ଥନୈତିକ ଓ ବାଣିଜ୍ୟିକ, ସାଂସ୍କୃତିକ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପର୍ଯ୍ୟଟନ, ଲୋକମାନଙ୍କ ମଧ୍ୟରେ ସମ୍ପର୍କ, କୋଭିଡ-19 ପରେ ଅର୍ଥନୈତିକ ପୁନରୁଦ୍ଧାର, ଟିକା ସହଯୋଗ ଏବଂ ପାରସ୍ପରିକ ଆଗ୍ରହର ଅନ୍ୟାନ୍ୟ ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଥିଲେ। ଏହି କ୍ଷେତ୍ରଗୁଡିକରେ ପରସ୍ପର ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।  ଭାରତ-ମିଆଁମାର-ଥାଇଲ୍ୟାଣ୍ଡ ତ୍ରିପାକ୍ଷିକ ରାଜପଥକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଏବଂ ବୃହତ ବନ୍ଦର ସଂଯୋଗ କରିବା ସହିତ ସଂଯୋଗୀକରଣକୁ ସୁଦୃଢ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂଗଠନରେ ସହଯୋଗ ସମେତ ଆଞ୍ଚଳିକ ତଥା ବହୁପକ୍ଷୀୟ ପ୍ରସଙ୍ଗ ଉପରେ ଉଭୟ ଦେଶର ପ୍ରତିନିଧୀ ଦଳ ମତ ବିନିମୟ କରିଥିଲେ। ଥାଇଲ୍ୟାଣ୍ଡ 2022-23 ପାଇଁ ବିମସଟେକର ଅଧ୍ୟକ୍ଷତା କରୁଥିବାରୁ ସଚିବ (ପୂର୍ବାଞ୍ଚଳ) ଅଭିନନ୍ଦନ ଜଣାଇବା ସହ ଭାରତର ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ପାଇଁ ପ୍ରତିଶୃତି ଦେଇଥିଲେ।  ଦ୍􀀀ିପାକ୍ଷିକ ସମ୍ପର୍କକୁ ଗଭୀର ଏବଂ ମଜବୁତ କରିବା ଦିଗରେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଚଳିତ ବର୍ଷ ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 75 ତମ ବାର୍ଷିକୀ ପାଳିତ ହେଉଥିବାରୁ ଉଭୟ ପକ୍ଷ ଏହି ଗୁରୁତ୍ୱପୂର୍ଣ୍ଣ ଉତ୍ସବକୁ ଉପଯୁକ୍ତ ଢଙ୍ଗରେ ପାଳନ କରିବାକୁ ସହମତ ହୋଇଥିଲେ। 21 ଏପ୍ରିଲ 2022 ରେ ମାନ୍ୟବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାଜକୁମାର ରଞ୍ଜନ ସିଂହଙ୍କୁ ମଧ୍ୟ ଥାଇଲ୍ୟାଣ୍ଡ ପ୍ରତିନିଧୀ ଦଳ ସାକ୍ଷାତ କରିଥିଲେ।

**ନୂଆଦିଲ୍ଲୀ**

**ଏପ୍ରିଲ 21, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.